# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 1 April - 2024

**********************************

# ଉତ୍କଳ ଦିବସ-୨୦୨୪

ରାଜ୍ୟରେ ଆଜି ପାଳିତ ହେଉଛି ଉତ୍କଳ ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଗର୍ବ ଏବଂ ଗୌରବର ଦିନ । ପୃଥିବୀର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ । ଓଡ଼ିଆ ଭାଷା ତା'ର କଳା, ସଂସ୍କୃତି, ଐତିହ୍ୟ ଏବଂ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଇତିହାସକୁ ନେଇ ବିଶ୍ୱରେ ଖ୍ୟାତିଲାଭ କରିଛି । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା । ଉତ୍କଳ ଦିବସ ଅବସରରେ

ଉତ୍କଳ ଦିବସ ସମାରୋହ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ହାର୍ଦ୍ଦିକ ଅଭିନନ୍ଦନ

ଜଣାଇଛନ୍ତି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ତାଙ୍କର ବାର୍ତ୍ତାରେ କହିଛନ୍ତି ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନକୁ ସୁରକ୍ଷିତ ରଖିବା ସହ ସଂସ୍କୃତିକୁ ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଆଜି ଭୁବନେଶ୍ୱରର ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂଧ୍ୟା ୬ଟା ସମୟରେ ଆୟୋଜନ ହେବାକୁଥିବା କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ କରାଯିବ । ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ସହ ସକାଳ ସାଢ଼େ ୧୦ଟାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି ।

## ଦେଶ - ମତଦାନ

ଦେଶରେ ଆସନ୍ତା ସାଧାରଣ ନିର୍ବାଚନ ଲାଗି ପ୍ରାୟ ୯୭କୋଟି ପଞ୍ଜିକୃତ ଭୋଟର ମତଦାନ କରିବେ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି । ମତଦାନ ଲାଗି ଦେଶରେ ସାଢ଼େ ୧୦ଲକ୍ଷ ମତଦାନ କେନ୍ଦ୍ର ଏବଂ ଦେଢ଼କୋଟି ପୋଲିଂ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି । ଭୋଟରତାଲିକାରେ ନିଜର ନାମ ଯାଞ୍ଚ କରିବା ଏବଂ ନିଜନିଜର ନିର୍ବାଚନମଣ୍ଡଳୀରେ ଭୋଟ୍‌ଗ୍ରହଣ ତାରିଖକୁ ଜାଣିବା ପାଇଁ

ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ବିଭିନ୍ନ ସମ୍ବାଦପତ୍ରରେ କ୍ୟୁ-ଆର୍ କୋଡ୍ ସମ୍ବନ୍ଧିତ ବିଜ୍ଞାପନ ପ୍ରକାଶ ପାଇଛି । ଭୋଟରମାନେ ସେମାନଙ୍କର ମତଦାନ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ହେଲ୍ପଲାଇନ୍ ନମ୍ବର ୧୯୫୦କୁ ଡାଏଲ କରିପାରିବେ ।

## ରାଜ୍ୟ – ମତଦାନ

ଭାରତର ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ଓଡ଼ିଶାରେ  ନିର୍ବାଚନ ଲାଗି ୩୦ହଜାର ୬୫୩ଟି ସ୍ଥାନ ନିରୂପଣ କରାଯାଇଛି । ଏହି ସ୍ଥାନ ଗୁଡ଼ିକରେ ୩୭ହଜାର ୮୦୯ ମତଦାନ କେନ୍ଦ୍ର କରାଯାଇଛି । ଓଡ଼ିଶାର ସହର ଅଞ୍ଚଳ ଗୁଡ଼ିକରେ ୪ହଜାର ୩୮୦ ଏବଂ ଗ୍ରାମାଞ୍ଚଳ ଗୁଡ଼ିକରେ ୩୩ହଜାର ୪୨୯ ମତଦାନ କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହିତ ୧୫ଶହରୁ ଅଧିକ ସ୍ଥାନରେ ସହାୟକ ମତଦାନ କେନ୍ଦ୍ର କରିବା ପାଇଁ ସ୍ଥିର ହୋଇଥିବା ଜଣାପଡିଛି ।

## ସିୟୁଇଟି - ଆବେଦନ ଅବଧି ବୃଦ୍ଧି

ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆବେଦନ ସମୟସୀମା ଚଳିତମାସର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଜାତୀୟ ଟେଷ୍ଟିଂ ଏଜେନ୍ସିର ବିଜ୍ଞପ୍ତି ଅନୁସାରେ ଛାତ୍ରଛାତ୍ରୀମାନେ ୫ ତାରିଖ ରାତି ସାଢ଼େ ୯ଟା ଭିତରେ ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଏନ୍‌ଟିଏ ପକ୍ଷରୁ

ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଏହା ୨ଥର ସମୟସୀମା ବୃଦ୍ଧି କରାଯାଇଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା

କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହେଉଛି । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୱେବ୍‌ସାଇଟ୍‌ରେ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ । ସଂଗଠନର ସୂଚନା ଅନୁସାରେ ୧୯ ତାରିଖ ଦିନ ପ୍ରଥମ ପ୍ରୋଭିଜ୍‌ନାଲ ମେରିଟ ଲିଷ୍ଟ, ୨୯ତାରିଖ ଦିନ ଦ୍ୱିତୀୟ ଏବଂ ତୃତୀୟ ମେରିଟ ଲିଷ୍ଟ ମଇ ମାସ ୮ ତାରିଖ ଦିନ ପ୍ରକାଶ ପାଇବ । ମେରିଟ ଲିଷ୍ଟ ଆଧାରରେ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ ବୋଲି ସଂଗଠନ ତରଫରୁ କୁହାଯାଇଛି ।

## ଶ୍ରୀଜଗନ୍ନାଥ ଖସାପଡା ନୀତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ । ଚୈତ୍ର କୃଷ୍ଣ ସପ୍ତମୀ ତିଥିରେ ଏହି ନୀତି ପାଳିତ ହୋଇଥାଏ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ପଞ୍ଚମ୍ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ପ୍ରଥମ ଆନ୍ତର୍ଜାତୀୟ ଥିଏଟର ଫେଷ୍ଟିଭାଲ ପଞ୍ଚମ୍ ନାଟ୍ୟ ମହୋତ୍ସବ ଗତକାଲି ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଶଙ୍କର ପ୍ରସାଦ ନାୟକ ଏବଂ ସିତିକଣ୍ଠ ପତିଙ୍କୁ ପଞ୍ଚମ୍ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ନାଟ୍ୟ ମହୋତ୍ସବର ଆୟୋଜକ 'ସ୍ୱର'ର ନିଜସ୍ୱ ପ୍ରସ୍ତୁତି 'କଥାନି' ନାଟକ ମଞ୍ଚସ୍ଥ ହୋଇଥିଲା । ସୂଚନାଯୋଗ୍ୟ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ସ୍ୱର୍ଗତ ଡକ୍ଟର ପଞ୍ଚାନନ ମିଶ୍ରଙ୍କ ସ୍ମୃତିରେ ଏହି ଆନ୍ତର୍ଜାତିକ ଥିଏଟର ଫେଷ୍ଟିଭାଲର ଆୟୋଜନ କରାଯାଉଛି ।

# ପାଣିପାଗ

ରାଜ୍ୟରେ ଆସନ୍ତାକାଲି ଠାରୁ ଦିନ ତାପମାତ୍ରା ସହିତ ରାତି ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜଳବାୟୁରେ ଆଦ୍ରତା ୫୦ ପ୍ରତିଶତ ରହିବା କାରଣରୁ ରାତିରେ ମଧ୍ୟ ଅସହ୍ୟ ଗରବ ଓ ଗୁଳଗୁଳି ଅନୁଭୂତ ହେବ ।  ତାପମାତ୍ରା ବୃଦ୍ଧି ପାଉଥିବାରୁ ପାଣିପାଗ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ସୂଚନା ଜାରି କରାଯାଇଛି ।

ସୂଚନା ଅନୁସାରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ୩ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ଦିନ ତାପମାତ୍ରା ଏବଂ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ବୃଦ୍ଧି

ପାଇବ । କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରି, ନୟାଗଡ, କନ୍ଧମାଳ, ସୁବର୍ଣ୍ଣପୁର, ଖୋର୍ଦ୍ଧା ଏବଂ ନବରଙ୍ଗପୁର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି ।